3rd Sem

Total Pages—6

III-UG-C1-MAJ—ODIA-VI

2025

ODIA

Full Marks : 100

Time : 3 hours

Answer **all** questions

The figures in the right-hand margin indicate marks

PART—I

୧। ନିମ୍ନୋକ୍ତ *ସମସ୍ତ* ପ୍ରଶ୍ନର ଅତି ସଂକ୍ଷିପ୍ତ ଉତ୍ତର ପ୍ରଦାନ କର : ୧ × ୧୦

(କ) 'କବିତା-୧୯୬୨' ପୁସ୍ତକଟି କେଉଁ ବିଶିଷ୍ଟ କବିଙ୍କର ?

(ଖ) 'ଆଶ୍ଚର୍ଯ୍ୟ ଅଭିସାର' କବିତାର କବି କିଏ ?

(ଗ) 'କାଳପୁରୁଷ' ଦୀର୍ଘ କବିତା କେଉଁ ପାଶ୍ଚତ୍ୟ ଲେଖା ଦ୍ୱାରା ଅତ୍ୟଧିକ ପ୍ରଭାବିତ ?

(ଘ) 'ସମୁଦ୍ରସ୍ନାନ' କବିତା ଗ୍ରନ୍ଥର ସମୁଦାୟ କବିତା ସଂଖ୍ୟା କେତେ ?

(ଙ) 'ସୁଖ ସଂହିତା'ର ଲେଖକ କିଏ ?

(ଚ) ''ନୂତନ କବିତା'' ପୁସ୍ତକର ଲେଖକଙ୍କ ନାମ ଲେଖ ।

(ଛ) 'ପିଙ୍ଗଳାର ସୂର୍ଯ୍ୟ' କାହାର ପ୍ରସିଦ୍ଧ କବିତା ଗ୍ରନ୍ଥ ?

(ଜ) 'ସବୁଜ କବିତା' ପ୍ରନ୍ଥର ସଂପାଦକ କିଏ ଥିଲେ ?

(ଝ) 'ନବଯୁଗ ସାହିତ୍ୟ ସଂସଦ'ର ମୁଖପତ୍ର ନାମ ଲେଖ ।

(ଞ) 'ମାଂସର ଫୁଲ' ନାଟକର ନାଟ୍ୟକାର କିଏ ?

PART – II

୨। ନିମ୍ନୋକ୍ତ *ସମସ୍ତ* ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୫୦ଟି ଶବ୍ଦ ମଧ୍ୟରେ ପ୍ରଦାନ କର : ୨ × ୯

(କ) ସବୁଜ କବି ହରିହର ମହାପାତ୍ରଙ୍କ କବିତା ସଂପର୍କରେ ଆଲୋଚନା କର ।

(ଖ) 'ସୃଜନ ସ୍ୱପ୍ନ' ଓ 'ପ୍ରଳୟ ପ୍ରେରଣା' କବିତା ଦ୍ୱୟର ଦାର୍ଶନିକ ଦୂରତ୍ୱ ନିରୂପଣ କର ।

(ଗ) 'କାଳବୁରୁଷ'ରେ ବର୍ଷାଋତୁ ନିଷ୍ଫୁର ନିର୍ମମ କାହିଁକି ?

(ଘ) ଏକାଂକିକାଠାରୁ ଛୋଟ ନାଟକ କିପରି ସ୍ୱତନ୍ତ୍ର ବୁଝାଅ ।

(ଙ) ଆଣ୍ଡିନଭେଲ୍ ବା ପ୍ରତ୍ୟୁପନ୍ୟାସ କହିଲେ କ'ଣ ବୁଝ ?

(ଚ) 'ରକ୍ତଶିଖା' କବିତାର କବିଙ୍କ ନାମ ଲେଖି ଏହା କବିତା ଗ୍ରନ୍ଥର ଆଭିମୁଖ୍ୟ ସ୍ପଷ୍ଟ କର ।

(ଛ) ବନହଂସୀରେ କିପରି ନାଟ୍ୟକାର ପ୍ରତୀକ ପ୍ରୟୋଗ କରିଛନ୍ତି ?

(ଜ) 'ନେପାଳ ପଥେ' ଓ 'ଆମେରିକାରୁ ଆସିଲି' ଗ୍ରନ୍ଥଦ୍ୱୟର ଲେଖକ କିଏ ? ଏଦୁଇଟି କି ପ୍ରକାରର ଗଦ୍ୟଗ୍ରନ୍ଥ ?

(ଝ) ଭଗବତୀ ଚରଣ ପାଣିଗ୍ରାହୀଙ୍କ ପ୍ରବଂଧର ଆଭିମୁଖ୍ୟ ଲେଖ ।

PART – III

୩। ନିମ୍ନୋକ୍ତ ଯେ କୌଣସି ୮ଟିର ଉତ୍ତର ପ୍ରତ୍ୟେକକୁ ୨୫୦ ଶବ୍ଦରେ ପ୍ରଦାନ କର : ୫ × ୮

(କ) ନନ୍‌ସେନ୍‌ସ କ୍ଲବ୍‌ର ପୃଷ୍ଠଭୂମି ଓ ଆଭିମୁଖ୍ୟ ସ୍ପଷ୍ଟ କର ।

(ଖ) ବୈକୁଣ୍ଠନାଥ ପଟ୍ଟନାୟକ କବିତାରେ କିପରି ମୃତ୍ୟୁଚେତନାର ଚିତ୍ର ଆଂକିଛନ୍ତି – ସଦୃଷ୍ଟାନ୍ତ ଆଲୋଚନା କର ।

(ଗ) ରମାକାନ୍ତ ରଥଙ୍କ କବିତାରେ ମୃତ୍ୟୁ ଓ ପ୍ରେମର ସ୍ଥାନ ନିରୂପଣ କର ।

(ଘ) ଗୁରୁପ୍ରସାଦଙ୍କ ''ଚମ୍ପାଫୁଲ'' କିବତାର ଆଲୋଚନା କରି ଏଥିରେ ପ୍ରତିଫଳିତ ଚେତନା, ବ୍ୟବହୃତ କାବ୍ୟ ଉପାଦାନ ଓ ଶୈଳୀ ସଂପର୍କରେ ଆଲୋଚନା କର ।

(ଙ) ଚନ୍ଦ୍ରଶେଖର ରଥଙ୍କ ରଥ ସପ୍ତକର ଶୈଳୀ ଓ ସ୍ୱାତନ୍ତ୍ର୍ୟ ବିଚାର କର ।

(ଚ) ସ୍ୱାଧୀନତା ପରେ ପାଟକରେ କି କି ଆଂଗିକ ପରିବର୍ତ୍ତନ ଆସିଲା ?

(ଛ) ସଚ୍ଚିଦାନନ୍ଦଙ୍କ ଅଳକା ସାନ୍ୟାଲଠାରୁ ଗୁରୁପ୍ରସାଦ ମହାନ୍ତିଙ୍କ ଅଳକା ସାନ୍ୟାଲ୍ କିପରି ଭିନ୍ନ – ଆଲୋଚନା କର ।

(ଜ) ପ୍ରଗତିର ରୂପ ଲୋହିତ – ଆଲୋଚନା କର ।

(ଝ) ''ସବୁଜ'' – ଏକ ଯୁଗ ନୁହେଁ, ଯୁଗାଭାସ ମାତ୍ର – ପ୍ରମାଣ କର ।

(ଞ) ସୀତାକାନ୍ତ ବା କମଳାକାନ୍ତଙ୍କ କବିତାର ଆଭିମୁଖ୍ୟ ସ୍ପଷ୍ଟ କର ।

PART – IV

୪। ଯେ କୌଣସି ୪ଟିର ଉତ୍ତର ପ୍ରତ୍ୟେକକୁ ୮୦୦ ଶବ୍ଦରେ ପ୍ରଦାନ କର : ୮ × ୪

(କ) ଓଡ଼ିଆ ସାହିତ୍ୟରେ ସମୁଜ କାବ୍ୟଧାରାର ବୈଶିଷ୍ଟ୍ୟ-ଗୁଡ଼ିକୁ ଉଲ୍ଲେଖ କର ।

(ଖ) ଓଡ଼ିଆ କାବ୍ୟ ସାହିତ୍ୟରେ ପ୍ରଗତିବାଦୀ ଧାରାର ସ୍ୱାତନ୍ତ୍ର୍ୟ ନିରୂପଣ କର ।

(ଗ) ସ୍ୱାଧୀନତୋତ୍ତର ଓଡ଼ିଆ ନାଟକର ନୂତନ ମୂଲ୍ୟବୋଧ ସଂପର୍କରେ ଆଲୋଚନା କର ।

(ଘ) ସଚ୍ଚିଦାନନ୍ଦ ବା ଗୁରୁପ୍ରସାଦଙ୍କ କବିତା ଉତ୍ତର ସ୍ୱାଧୀନତା କାଳରେ କିପରି ଗୁରୁତ୍ୱପୂର୍ଣ୍ଣ — ବିଚାର କର ।

(ଙ) ଓଡ଼ିଆ ଉପନ୍ୟାସ ସ୍ୱାଧୀନତା ପରେ କିପରି ପରିବର୍ତ୍ତିତ ରୂପ-ଗୁଣ ଧାରଣ କଲା — ଆଲୋଚନା କର ।
